# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 10th July - 2025

******************************

## ମୁଖ୍ୟ ସମ୍ବାଦ

- ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଝାଡଖଣ୍ଡର ରାଞ୍ଚିଠାରେ ୨୭ତମ ପୂର୍ବାଞ୍ଚଳ ପରିଷଦ ବୈଠକ ଅନୁଷ୍ଠିତ ।

— ରାଜ୍ୟରେ ମହିଳା ସଶକ୍ତୀକରଣ ଓ ଶିଶୁ ସୁରକ୍ଷାକୁ ସରକାର ପ୍ରାଥମିକତା ଦେଉଛନ୍ତି; ବୈଠକରେ କହିଲେ ମୁଖ୍ୟମନ୍ତ୍ରୀ ।

- ମତ୍ସ୍ୟଚାଷୀ ଦିବସ ଅବସରରେ ଭୁବନେଶ୍ୱରରେ ଆଭାସୀ ମାଧ୍ୟମରେ ୧୭ଟି ନୂଆ ମତ୍ସ୍ୟ କ୍ଲଷ୍ଟର ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ।

- ପୁରୀ ରଥଯାତ୍ରା ସମୟରେ ଦଳାଚକଟା ଘଟଣାର ସାକ୍ଷ୍ୟ ଗ୍ରହଣ କରୁଛନ୍ତି ଉନ୍ନୟନ କମିଶନର୍ ।

ଏବଂ

- ଗୁରୁଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିବାପାଇଁ ଆଜି ପାଳନ କରାଯାଉଛି ଗୁରୁପୂର୍ଣ୍ଣିମା ।

*Desk*

# ମୁଖ୍ୟମନ୍ତ୍ରୀ - ଝାଡ଼ଖଣ୍ଡ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ଅଧ୍ୟକ୍ଷତାରେ ଝାଡଖଣ୍ଡର ରାଞ୍ଚିଠାରେ ୨୭ତମ ପୂର୍ବାଞ୍ଚଳ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଓଡ଼ିଶାରେ ମହିଳା ସଶକ୍ତୀକରଣ ଏବଂ ଶିଶୁ ସୁରକ୍ଷାକୁ ସରକାର ପ୍ରାଥମିକତା ଦେଉଛନ୍ତି । ସ୍ୱାସ୍ଥ୍ୟସେବା, ପୋଷଣ, ସୁରକ୍ଷା, ଶିକ୍ଷା ଏବଂ ସଶକ୍ତୀକରଣ ଆଦି ଉପରେ ଧ୍ୟାନ ଦିଆଯାଉଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଓଡ଼ିଶା ପୁଷ୍ଟି ମିଶନ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ସୁଭଦ୍ରା ସମବେଦନା ଯୋଜନା ଏବଂ ଆମେ ପଢ଼ିବା ଆମ ବାସରେ ଆଦି ଉପରେ ଆଲୋକପାତ କରିଛନ୍ତି ।

ଏଥିସହ ସୁଭଦ୍ରା ଯୋଜନା, ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନା, ପୋଷଣ ଅଭିଯାନର ସଫଳ କାର୍ଯ୍ୟାନ୍ୱୟନ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜର ମତ ଉପସ୍ଥାପନ କରିଛନ୍ତି । ରାଜ୍ୟବାସୀଙ୍କର ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଉପରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଆୟୁଷ୍ମାନ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋବନ୍ଦନ ଯୋଜନାର କାର୍ଯ୍ୟକାରୀ କରାଯାଇଛି । ବୈଠକରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାରର ନେତୃତ୍ୱବୃନ୍ଦ ଯୋଗ ଦେଇଥିଲେ ।

***Desk***

# ମତ୍ସ୍ୟଚାଷୀ ଦିବସ

ମତ୍ସ୍ୟଚାଷୀଙ୍କ ବିକାଶ ଏବଂ ସେମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ଜାତୀୟ ମତ୍ସ୍ୟଚାଷୀ ଦିବସ। ଏହି ଅବସରରେ ଭୁବନେଶ୍ୱର କୌଶଲ୍ୟାଗଙ୍ଗସ୍ଥିତ ଆଇ.ସି.ଏ.ଆର୍. କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ପ୍ରତିଷ୍ଠାନ - ସିଫା'ରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, ବିଭାଗର ରାଷ୍ଟ୍ରମନ୍ତ୍ରୀ ଏସ୍.ପି. ସିଂହ ବାଘେଲ୍ ଓ ଜର୍ଜ କୁରିଆନ୍ ଯୋଗ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହ ଏହି ଅବସରରେ ୧୭ଟି ନୂଆ ମତ୍ସ୍ୟ କ୍ଲଷ୍ଟର୍‌ର ଉଦ୍‌ଘାଟନ କରିବା ସହ ୧୧ଟି ରାଜ୍ୟପାଇଁ ୧୦୫ କୋଟି ଟଙ୍କା ମୂଲ୍ୟର ୭୦ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ :

*ମତ୍ସ୍ୟଚାଷୀଙ୍କ କଠିନ ପରିଶ୍ରମ ଫଳରେ ଦେଶ ଆଜି ମତ୍ସ୍ୟ ଉତ୍ପାଦନରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିପାରିଛି । ଏକ ଦୀର୍ଘସ୍ଥାୟୀ ସମାବେଶୀ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ମତ୍ସ୍ୟ କ୍ଷେତ୍ରପାଇଁ ଭିଜନ-୨୦୪୭କୁ ସାକାର କରିବାପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେଉଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂହ କହିଛନ୍ତି ।*

*ଗତ ୧୧ ବର୍ଷରେ ମତ୍ସ୍ୟ ଉତ୍ପାଦନ ୯୫ ଦଶମିକ ୭/୯ ଲକ୍ଷ ଟନ୍‌ରୁ ବୃଦ୍ଧି ପାଇଁ ୧୯୫ ଲକ୍ଷ ଟନ୍ ରେକର୍ଡ଼ କରିଛି । ଦେଶର ମତ୍ସ୍ୟ ରପ୍ତାନୀ ପରିମାଣକୁ ୧ ଲକ୍ଷ ୨୦ ହଜାର କୋଟି ଟଙ୍କାରେ ପହଞ୍ଚାଇବା ଦିଗରେ*

ପ୍ରୟାସ କରିବାକୁ କେନ୍ଦ୍ରମନ୍ତ୍ରୀ ମତ୍ସ୍ୟଚାଷୀଙ୍କୁ ଆହ୍ୱାନ ଦେଇଛନ୍ତି । ଗତ ଦଶନ୍ଧିରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦକ୍ଷେପଦ୍ୱାରା ଦେଶରେ ମଧୁର ଜଳ ମତ୍ସ୍ୟ ଉତ୍ପାଦନ ଓ ଜଳଜ କୃଷି ୧୪୦ ପ୍ରତିଶତ ବୃଦ୍ଧି ପାଇଛି, ଯାହା ଦେଶରେ ଜଳସମ୍ପଦର ସୁବିନିଯୋଗ ଏବଂ ଚାଷୀଙ୍କ ଉନ୍ନତିକୁ ପ୍ରତିଫଳିତ କରୁଛି । ଭାରତ ସାମୁଦ୍ରିକ ଖାଦ୍ୟ ରପ୍ତାନୀ କ୍ଷେତ୍ରରେ ଗତ ୧୧ ବର୍ଷରେ ୬୦ ହଜାର ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ କରିଛି ।ଗତ କିଛି ବର୍ଷ ଧରି ଆଇ.ସି.ଏ.ଆର୍. ଓ ସିଫା ବୈଜ୍ଞାନିକଙ୍କ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟାଦ୍ୱାରା ମତ୍ସ୍ୟଚାଷ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ସମ୍ଭବ ହୋଇପାରିଛି । ୨୦୧୫ ମସିହାରୁ ମତ୍ସ୍ୟଚାଷ କ୍ଷେତ୍ରରେ ସରକାର ୩୮ ହଜାର ୫୭୨ କୋଟି ଟଙ୍କା ନିବେଶ କରିଛନ୍ତି। ଚିଙ୍ଗୁଡି ରପ୍ତାନୀରେ ଭାରତ' ବିଶ୍ୱରେ ଅଗ୍ରଣୀ ରାଷ୍ଟ୍ରର ମାନ୍ୟତା ପାଇଛି ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ।

***Voice (RR Singh) :......***

ଦେଶର ଖାଦ୍ୟସୁରକ୍ଷାକୁ ସୁଦୃଢ଼ କରିବା, ମତ୍ସ୍ୟ ଆଧାରିତ ପୁଷ୍ଟିସାରର ବର୍ଦ୍ଧିତ ଚାହିଦା ପୂରଣ ଏବଂ ଗ୍ରାମୀଣ ନିଯୁକ୍ତିକୁ ଆଗେଇ ନେବାରେ ଦେଶର ମତ୍ସ୍ୟଚାଷୀ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛନ୍ତି । ମତ୍ସ୍ୟଚାଷୀଙ୍କ ଅତୁଟ ପ୍ରତିବଦ୍ଧତାକୁ ସମ୍ମାନ ଜଣାଇ ଆଜିର ଦିନକୁ ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ ।

*Desk*

# ରାଷ୍ଟ୍ରପତି ଗସ୍ତ - ସମୀକ୍ଷା ବୈଠକ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୪ ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ଓ କଟକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ପରିପ୍ରେକ୍ଷୀରେ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କଟକରେ ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି । ଭୁବନେଶ୍ୱର-କଟକ ପୁଲିସ କମିଶନର, କଟକ ଜିଲ୍ଲାପାଳଙ୍କ ସମେତ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ ।

*Puri/R*

# ଦଳାଚକଟା - ସାକ୍ଷ୍ୟଗ୍ରହଣ

ପୁରୀ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ଘଟଣାର ତଦନ୍ତ ଜାରି ରହିଛି । ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦ୍ୱିତୀୟ ଦିନରେ ଆଜି ଅପରାହ୍ଣରୁ ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ଏହି ଘଟଣା ସଂପର୍କରେ ସାକ୍ଷ୍ୟ ଗ୍ରହଣ କରୁଛନ୍ତି । ସାକ୍ଷ୍ୟ ପ୍ରଦାନପାଇଁ ପ୍ରାୟ ୩୫ ଜଣ ନାମ ପଞ୍ଜୀକରଣ କରିଥିବାବେଳେ ସମ୍ବାଦ ପ୍ରସ୍ତୁତ ହେବାବେଳକୁ ୧୦ ଜଣ ସାକ୍ଷ୍ୟ ପ୍ରଦାନ କରିସାରିଥିଲେ । ଶ୍ରୀମନ୍ଦିରର

ବରିଷ୍ଠ ସେବାୟତଙ୍କ ସମେତ ପୁରୀର ବୁଦ୍ଧିଜୀବୀ, ସାମ୍ବାଦିକ, ଆଇନଜୀବୀ ସାକ୍ଷ୍ୟ ପ୍ରଦାନପାଇଁ ଆସିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ଶ୍ରୀମତୀ ଗର୍ଗ ଗତକାଲି ଭୁବନେଶ୍ୱର ରାଜ୍ୟ ଅତିଥି ଭବନରେ ସାକ୍ଷ୍ୟ ଗ୍ରହଣ କରିଥିଲେ ।

***Desk***

## ରାହୁଲ୍‌ଗାନ୍ଧି – ଓଡ଼ିଶା ଗସ୍ତ

କଂଗ୍ରେସ ନେତା ରାହୁଲ ଗାନ୍ଧି ଆସନ୍ତାକାଲି ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଭୁବନେଶ୍ୱର ବରମୁଣ୍ଡା ପଡ଼ିଆଠାରେ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଯୋଗଦେବେ । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ଏବଂ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ମଧ୍ୟ ଏଥିରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

***Jharsuguda/R***

## ରାଜସ୍ୱ ମନ୍ତ୍ରୀ – ପରିଦର୍ଶନ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଝାରସୁଗୁଡ଼ା ଜିଲ୍ଲାର ବର୍ଷା ଓ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି ।

ଆଜି ମଧ୍ୟାହ୍ନରେ ଶ୍ରୀ ପୂଜାରୀ ବ୍ରଜରାଜନଗର, କୁଡାବଗା, ରେମ୍ଜା, ଇଦ୍‌ଭଟ୍ଟା, ରାଜପୁର ଓ ଦେଓଗାଁ ଆଦି ଅଞ୍ଚଳ ବୁଲି ଦେଖିବା ସହ କ୍ଷୟକ୍ଷତି ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଛନ୍ତି । ପ୍ରଭାବିତ ଅଞ୍ଚଳରେ କ୍ଷୟକ୍ଷତି ଆକଳନ କରିବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । କ୍ଷୟକ୍ଷତି ରିପୋର୍ଟ ମିଳିବା ପରେ ପ୍ରଭାବିତଙ୍କ ବ୍ୟାଙ୍କ୍ ଜମାଖାତାକୁ ସହାୟତା ରାଶି ପଠାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

***Nabarangpur/R***

## ଗଣଶିକ୍ଷା ମନ୍ତ୍ରୀ

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ନବରଙ୍ଗପୁର ଜିଲ୍ଲା ଗସ୍ତରେ ଯାଇ ସହିଦ ଲକ୍ଷ୍ମଣ ନାଏକ ବିଦ୍ୟାପୀଠ ପରିଦର୍ଶନ କରିଛନ୍ତି । ବିଦ୍ୟାଳୟ ଭିତ୍ତିଭୂମି ବିକାଶ ସହ ଶିକ୍ଷକ ଅଭାବ ପୂରଣ କରିବା ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅବସରରେ ମନ୍ତ୍ରୀ ବାଲ୍‌ବାଟିକା ପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସହ ପାଠପଢ଼ା ଓ ପି.ଏମ୍. ପୋଷଣ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ ।

*Rayagada/R*

# କେନ୍ଦ୍ରୀୟ ଟିମ୍

ଜାତୀୟ ଖାଦ୍ୟ ସୁରକ୍ଷା କେନ୍ଦ୍ରୀୟ ଟିମ୍ ରାୟଗଡ଼ା ଜିଲ୍ଲାର ଦୁଇ ଆକାଂକ୍ଷୀ ବ୍ଲକ୍‌ର ପଦ୍ମପୁର ଓ ମୁନିଖୋଲ ପଞ୍ଚାୟତ ଗସ୍ତକରି ବଣ୍ଟନ ଚାଉଳ ଓ ମାଣ୍ଡିଆର ମାନ ଯାଞ୍ଚ୍ କରିଛନ୍ତି । ଆଦିମ ଜନଜାତି ଡଙ୍ଗରିଆ କନ୍ଧଙ୍କ ସହ ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା ସହ କେନ୍ଦ୍ରୀୟ ଦଳ ମୁନିଗୁଡ଼ା ମଣ୍ଡି ଗସ୍ତ କରି ମଣ୍ଡିର ସ୍ଥିତି ପରଖିଛନ୍ତି । ଜନସାଧାରଣଙ୍କୁ ମିଳୁଥିବା ସୁବିଧା ସୁନିଶ୍ଚିତ କରିବାପାଇଁ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ନିର୍ଦ୍ଦେଶକ ସୁନିଲ୍ ସଇଦେବ ଗୁରୁତ୍ୱାରୋପ କରିଛନ୍ତି ।

***Desk***

# ଓ.ପି.ଏସ୍.ସି. ସଦସ୍ୟ

ରାଜ୍ୟ ସରକାର ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ମନୋଜ କୁମାର ମହାନ୍ତିଙ୍କୁ ଓଡ଼ିଶା ଲୋକସେବା ଆୟୋଗର ସଦସ୍ୟ ଭାବେ ନିଯୁକ୍ତି ଦେଇଛନ୍ତି । ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଶ୍ରୀ ମହାନ୍ତି ୬ ବର୍ଷ ପାଇଁ ଏହି

ପଦବିରେ ରହିବେ । ସୂଚନାଯୋଗ୍ୟ, ଶ୍ରୀ ମହାନ୍ତି ପୂର୍ବରୁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଥିଲେ ।

***Nuapada/R***

# ବି.ଏନ୍.ଏସ୍. କର୍ମଶାଳା

ନୂଆପଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀ କକ୍ଷରେ ନୂତନ ଭାରତୀୟ ନ୍ୟାୟ ସଂହିତା ଉପରେ ସଚେତନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ନୂଆପଡ଼ା ଏସ୍.ପି. ଜି.ଆର୍. ରାଘବେନ୍ଦ୍ର ଯୋଗଦେଇ ଭାରତୀୟ ନ୍ୟାୟ ସଂହିତା ଉପରେ ଆଲୋଚନା କରିଥିଲେ । ନୂତନ ନ୍ୟାୟ ସଂହିତା ସମ୍ପର୍କରେ ପୁଲିସ୍ କର୍ମଚାରୀମାନେ ଅବଗତ ହେଲେ ଅପରାଧ ନିୟନ୍ତ୍ରଣ ସୁନିଶ୍ଚିତ ହୋଇପାରିବ ବୋଲି ଏସ୍.ପି. କହିଥିଲେ । କର୍ମଶାଳାରେ ଜିଲ୍ଲାର ୫ଟି ବ୍ଲକ୍‌ର ହାବିଲ୍‌ଦାର୍ ଓ କନେଷ୍ଟବଳ ଯୋଗ ଦେଇଥିଲେ ।

***Desk***

# ଗୁରୁପୂର୍ଣ୍ଣିମା

ପବିତ୍ର ଆଷାଢ଼ ପୂର୍ଣ୍ଣିମାରେ ଆଜି ବ୍ୟାସପୂର୍ଣ୍ଣିମା ବା ଗୁରୁପୂର୍ଣ୍ଣିମା ପାଳନ କରାଯାଉଛି। ଗୁରୁ ଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିବା ସହ ଶୈକ୍ଷିକ

ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖି ସମାଜକୁ ପ୍ରେରିତ କରିବା ଆଜି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

ଗୁରୁପୂର୍ଣ୍ଣିମା ହେଉଛି ଶିକ୍ଷା, ଜ୍ଞାନ ଆହରଣ ଏବଂ କୃତଜ୍ଞତା ପ୍ରକାଶ କରିବାର ପର୍ବ। ଶିଷ୍ୟଙ୍କ ଜୀବନ ଗଢ଼ିବାରେ ଗୁରୁଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଶିଷ୍ୟଙ୍କ ମନରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିବା ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ଗୁରୁ ଉଲ୍ଲେଖନୀୟ ମାର୍ଗଦର୍ଶନ କରିଥାନ୍ତି।

***Gajapati, Deogarh/R***

## ମତ୍ସ୍ୟଚାଷୀ ଦିବସ

ଗଜପତି ଜିଲ୍ଲା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀଙ୍କ ସମେତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ପ୍ରମୁଖ ଯୋଗଦେଇ ସ୍ୱଳ୍ପ ଅର୍ଥ ବିନିଯୋଗ କରି ମତ୍ସ୍ୟଚାଷରୁ ଅଧିକ ଲାଭବାନ ହେବାପାଇଁ ଚାଷୀମାନଙ୍କୁ କହିଥିଲେ ।

ଦେବଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ମତ୍ସ୍ୟ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱଳ୍ପ ଅର୍ଥ ବିନିଯୋଗରେ ଅଧିକ ମତ୍ସ୍ୟ ଉତ୍ପାଦନପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ ।

*Puri/R*

# ପାଣିପାଗ

ରାଜ୍ୟରେ ଲଘୁଚାପ ପ୍ରଭାବରେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୭ଟି ଜିଲ୍ଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ସନ୍ଧ୍ୟା ୬ଟା ସୁଦ୍ଧା ୬୦୪ ଦଶମିକ ୮/୯ ଫୁଟ ରହିଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨ ଲକ୍ଷ ୨୯ ହଜାର ୨୯ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧୬ଟି ସ୍ଲୁଇସ୍ ଗେଟ୍ ଦେଇ ୨ ଲକ୍ଷ ୬୭ ହଜାର ୯୨୨ ଘନଫୁଟ ଜଳ ନିଷ୍କାସିତ ହେଉଛି ।

*****